**ଗ୍ରାମୀଣ କୃଷି ମୌସମ ସେବା**
**ଭାରତୀୟ ପାଣିପାଗ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୦୧.୧୨.୨୦୨୩ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)


**Sri Rahul Kumar Sahu** **ସପ୍ତାହ ସଂଖ୍ୟା- ୪୮** **ତାରିଖ.୦୧.୧୨.୨୦୨୩**
**Jr. Agrometeorologist** **ବୁଲେଟିନ ନଂ.୯୬**


**ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ଅନୁଯାୟୀ**
**ପାଣିପାଗ ପୂର୍ବାନୁମାନ (୦୬.୧୨.୨୦୨୩) ପର୍ଯ୍ୟନ୍ତ**

**ଜିଲ୍ଲା କନ୍ଧମାଳ** – ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ରେ ଏକ ଲଘୁଚାପ ସୃଷ୍ଟି ହୋଇଛି ଯାହା ଆସନ୍ତା ରବିବାର ସୁଦ୍ଧା ଘୁର୍ଣିବାତ୍ୟା ରେ ପରିଣତ ହେବାକୁ ଯାଉଛି। ଏହାର ପ୍ରଭାବରେ କନ୍ଧମାଳ ଜିଲ୍ଲାରେ ଆସନ୍ତା ସୋମବାର ଠାରୁ ବୁଧବାର ପର୍ଯ୍ୟନ୍ତ ଲଘୁ ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଅଛି, ଏହା ସହ ଆକାଶ ଆଂଶିକ ରୁ ସାଧାରଣତ ମେଘୁଆ ରହିପାରେ। ପବନର ବେଗ ୦୬-୦୯ କି.ମି. ବେଗ ମଧ୍ୟରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୬-୩୦ ଏବଂ ୧୫-୧୮ ଡିଗ୍ରୀ ସେଲସିୟସ ଏବଂ ସକାଳର ଆପେକ୍ଷିକ ଆଦ୍ରତା ଶତକଡା ୭୬-୯୮ ଏବଂ ୩୧-୯୧ ମଧ୍ୟରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ ) | ମେଘାଚ୍ଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୦୨-୧୨-୨୦୨୩ | ୦ | ୩୦ | ୧୫ | ୩ | ୭୮ | ୩୧ | ୮ | ୧୧୬ |
| | ୦୩-୧୨-୨୦୨୩ | ୦ | ୨୯ | ୧୬ | ୩ | ୭୬ | ୩୬ | ୯ | ୧୧୨ |
| | ୦୪-୧୨-୨୦୨୩ | ୫ | ୨୮ | ୧୮ | ୪ | ୮୪ | ୪୯ | ୯ | ୧୧୧ |
| | ୦୫-୧୨-୨୦୨୩ | ୧୦ | ୨୮ | ୧୮ | ୬ | ୯୭ | ୯୧ | ୬ | ୭୨ |
| | ୦୬-୧୨-୨୦୨୩ | ୪୦ | ୨୬ | ୧୮ | ୭ | ୯୮ | ୮୭ | ୬ | ୭୭ |

**କୃଷିପାଣିପାଗ ଉପଦେଶାବଳୀ**

- ଆଗାମୀ ବର୍ଷା ପାଗ କୁ ଦେଖି ଜମିରେ ୮୫% ପାଚିଯାଇଥିବା ଧାନ କୁ କାଟି ଆଣନ୍ତୁ ଏବଂ ତାକୁ ଠିକ ଜାଗାରେ ସାଇତି ରଖନ୍ତୁ। ଅମଳ ହେଇସାରିଥିବା ଫସଲ କୁ ଜମିରେ ଚଡନ୍ତୁ ନାହି।
- ବର୍ଷା ସମୟରେ ପନିପରିବା ତଳିକୁ ପଲିଥିନ ରେ ଘୋଡାଇରଖନ୍ତୁ। ବର୍ଷା ଛାଡିଗଲା ପରେ ବଳକା ପାଣିକୁଆ ଜମିରୁ ନିଷ୍କାସନ କରନ୍ତୁ।
- ବରକୋଳି ଓ ପିଜୁଳି ଆଦି ଫଳ ଗଛକୁ ଠେକୁଆ ଦିଅନ୍ତୁ ଯେମିତି ଏହା ଜୋର ବର୍ଷା ରେ ଢଳି ନ ପଡିବ।
- ବର୍ଷା ଛାଡିବା ପର୍ଯ୍ୟନ୍ତ ମଞ୍ଜି ବୁଣିବା ଏବଂ କୀଟନାଶକ ପ୍ରୟୋଗ କୁ ଅସ୍ଥାୟୀ ଭାବେ ସ୍ଥଗିତ ରଖନ୍ତୁ।
- ପଶୁ ମାନଙ୍କୁ ବିଶୁଦ୍ଧ ପାନୀଯ ଜଳ ଡବା ସହ ସଫା ଗୁହାଳରେ ରଖନ୍ତୁ। ବର୍ଷା ଏବଂ ଘଡ ଘଡି ସମୟରେ ବାହାରକୁ ଛାଡନ୍ତୁ ନାହି।
- ଶୀତ ଦିନରେ ମାଛ ରେ କବକ ଜନିତ ଧଳା ଦାଗ ଥିବା ରୋଗ ଦେଖା ଯାଏ। ଏହାକୁ ଦୂରେଇବାକୁ ପୋଖରୀରେ **aquaneen** କିମ୍ବା **CIFAX** @୧ଲିଟର/ହେକ୍ଟର ପାଣିରେ ପକାନ୍ତୁ।

**ଧାନ –**

- ଆଗାମୀ ବର୍ଷା ପାଗ କୁ ଦେଖି ଜମିରେ ୮୫% ପାଚିଯାଇଥିବା ଧାନ କୁ କାଟି ଆଣନ୍ତୁ ଏବଂ ତାକୁ ଠିକ ଜାଗାରେ ସାଇତି ରଖନ୍ତୁ।
- ଅମଳ ହେଇସାରିଥିବା ଫସଲ କୁ ଜମିରେ ଚଡନ୍ତୁ ନାହି।
- ବର୍ଷା ଛାଡିଗଲା ପରେ ବଳକା ପାଣିକୁଆ ଜମିରୁ ନିଷ୍କାସନ କରନ୍ତୁ।

**ମକା –**

- ବର୍ଷା ଛାଡିବା ପର୍ଯ୍ୟନ୍ତ ବୁଣିବା ବନ୍ଦ ରଖନ୍ତୁ
- ଠିକ ଭାବେ ନାଳ ପ୍ରସ୍ତୁତ କରନ୍ତୁ ଯଦ୍ଵାରା ପାଣିକୁଆ ନିଷ୍କାସିତ କରାଯାଇପାରିବ।

**ରାଗି:**

- ବର୍ଷା ପୂର୍ବରୁ ପାଚିଯାଇଥିବା ଫସଲକୁ ଅମଳ କରି ଠିକ ଜାଗାରେ ସୁରକ୍ଷିତ ରଖନ୍ତୁ।

**ବରକୋଳି/ପିଜୁଳି –**

- ବରକୋଳି ଓ ପିଜୁଳି ଆଦି ଫଳ ଗଛକୁ ଠେକୁଆ ଦିଅନ୍ତୁ ଯେମିତି ଏହା ଜୋର ବର୍ଷା ରେ ଢଳି ନ ପଡିବ।

**ବନ୍ଧାକୋବି/ଫୁଲକୋବି :**

- ଫସଲ ଅମଳ କରି ବଜାରରେ ବିକିଦିଅନ୍ତୁ
- ରହିଯାଇଥିବା ଫସଲକୁ ପଲିଥିନ ଘୋଡାଇ ରଖନ୍ତୁ।

**ପଶୁ ପାଳନ :**

- ପଶୁ ମାନଙ୍କୁ ବିଶୁଦ୍ଧ ପାନୀଯ ଜଳ ଡବା ସହ ସଫା ଗୁହାଳରେ ରଖନ୍ତୁ।
- ବର୍ଷା ଏବଂ ଘଡ ଘଡି ସମୟରେ ବାହାରକୁ ଛାଡନ୍ତୁ ନାହି।
- ଶୀତ ଋତୁ ରେ ଗାଈଗୋରୁ ମାନଙ୍କୁ ପ୍ରତିଦିନ ଖଣିଜ ପଦାର୍ଥ ସହ ଲୁଣ, ଚୋକଡ ଓ ଗୁଡ ଆଦି ୧୦ ରୁ ୨୦ ଶତକଡା ଖାଇବାକୁ ଦିଅନ୍ତୁ।

**ମାଛ ଚାଷ:**

- ଶୀତ ଦିନରେ ମାଛ ରେ କବକ ଜନିତ ଧଳା ଦାଗ ଥିବା ରୋଗ ଦେଖା ଯାଏ। ଏହାକୁ ଦୂରେଇବାକୁ ପୋଖରୀରେ **aquaneen** କିମ୍ବା **CIFAX @**୧ଲିଟର/ହେକ୍ଟର ପାଣିରେ ପକାନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER